# ODM PUBLIC SCHOOL

ODM PUBLIC SCHOOL
SCHOOL OF HUMAN EXCELLENCE

**SESSION :** ୦୨
**CLASS :** ଚତୁର୍ଥ ଶ୍ରେଣୀ
**SUBJECT :** ଓଡ଼ିଆ
**CHAPTER NAME :** ପାଠ-୫ "ଜନ୍ ଙ୍କ ପ୍ରିୟ ସାଥି ଡିକ୍"
**SUBTOPIC :** ବ୍ୟାଖ୍ୟା ଓ କଠିନ ଶବ୍ଦ



Website: www.odmegroup.org
Email: info@odmps.org
Toll Free: 1800 120 2316
Sishu Vihar, Infocity Road, Patia, Bhubaneswar- 751024

# ଶୈକ୍ଷିକ ଉଦ୍ଦେଶ୍ୟ

କୁକୁର ଆମର କଣ କଣ କାର୍ଯ୍ୟରେ ଲାଗେ




ଚନ୍ଦ୍ର ଯାନ ରେ କୁକୁର ଲାଇକା


ପୋଲିସ କୁକୁର


ସେନା ରେ କୁକୁର


ଉଦ୍ଧାର କାର୍ଯ୍ୟ ରେ କୁକୁର



ଚକ୍ଷୁହୀନ ଙ୍କ ସାହାଯ୍ୟକାରୀ



ତୁଷାରବୃତ୍ତ ଅଂଚଳ ରେ




ଶିକାର ପାଇଁ ବ୍ୟବହାର



ପଶୁଙ୍କୁ ସୁରକ୍ଷା ଦେବା ପାଇଁ ଉପଯୋଗ

ODM PUBLIC SCHOOL

# ଜନ୍ ଙ୍କ ପ୍ରଶ୍ନ ସାଥି ଡକ୍




ସେଦିନ କାର୍ଲାଇଲ ସହରର ଏକ ରାସ୍ତାରେ ଯାଉଥିଲେ ଜଣେ ଭାରତୀୟ ଯୁବକ । ସାଙ୍ଗରେ ଥିଲେ ତାଙ୍କର ଜଣେ ବନ୍ଧୁ । ବନ୍ଧୁଙ୍କ ନାମ ଥିଲା ଥମ୍ପସନ୍ । ସେ ଥିଲେ ବିଲାତର ଲୋକ । ବିଲାତର ଚାଲିଚଳଣି ବିଷୟରେ ଜାଣିବା ପାଇଁ ଯୁବକ ଙ୍କ ମନରେ ଆଗ୍ରହ ଥିଲା । ସେଥିପାଇଁ ସେ ବନ୍ଧୁ ଥମ୍ପସନ୍ ଙ୍କୁ ବହୁତ କଥା ପଚାରୁଥିଲେ । ରାସ୍ତାରେ ଅନେକ ଲୋକ କୁକୁର ଧରି ଯାଉଥିବାର ଦେଖି ଯୁବକ ପଚାରିଲେ ଆପଣଙ୍କ ଦେଶରେ ଲୋକ କୁକୁରଙ୍କୁ ଖୁବ ଭଲ ପାଆନ୍ତି ବୋଧହୁଏ ?

PUBLIC SCHOOL



ଯୁବକଙ୍କ ପ୍ରଶ୍ନ ଶୁଣି ଥମସନ୍ କହିଲେ "କୁକୁର ହେଉଛି ଆମ ସମସ୍ତଙ୍କ ପ୍ରିୟ, ଘରେ ଘରେ ଲୋକେ କୁକୁର ପାଳନ୍ତି । ଏପରିକି ସ୍ୱାମୀଙ୍କର ଗୋଟେ କୁକୁର ଓ ସ୍ତ୍ରୀଙ୍କର ଆଉ ଏକ ପୋଷା କୁକୁର ଥାଏ । ସେମାନେ ନିଜ କୁକୁରଙ୍କୁ ନେଇ ଗର୍ବ ଅନୁଭବ କରନ୍ତି" ।

କଥା କହୁ କହୁ ଥମସନ୍ ରାସ୍ତାର ଗୋଟିଏ କଡରେ ଠିଆ ହୋଇଗଲେ । ତାଙ୍କର ଦୃଷ୍ଟି ପଡିଲା ରାସ୍ତାର ଅନ୍ୟ ପାର୍ଶ୍ୱରେ ଯାଉଥିବା ପଦଚାରୀଙ୍କ ଉପରେ । ପଦଚାରୀଙ୍କୁ ଦେଖି ତାଙ୍କ ମନ ଉଲ୍ଲସିତ ହୋଇ ଉଠିଲା । ସେ ଡାକିଲେ "ମିଷ୍ଟର ଜନ୍ , ଆପଣ ଏପଟକୁ ଟିକିଏ ଆସିବେକି?"

ODM PUBLIC SCHOOL

# କଠିନ ଶବ୍ଦ

କାର୍ଲାଇଲ - ଇଂଲଣ୍ଡ ର ଏକ ସହର ର ନାମ

ପୋଷା କୁକୁର - ଘରେ ପାଳନ କରାଯାଉଥିବା କୁକୁର

ଦୃଷ୍ଟି ପଡିଲା - ନଜର କୁ ଆସିଲା

ପାର୍ଶ୍ୱରେ - କଡ ରେ

ଲକ୍ଷ୍ୟକଲେ - ଦେଖିଲେ

ODM PUBLIC SCHOOL
SCHOOL OF HUMAN EXCELLENCE



ଭାରତୀୟ ଯୁବକ ଜଣକ ରାସ୍ତାର ଆରପଟକୁ ଲକ୍ଷ୍ୟ କଲେ । ଦେଖିଲେ ଜଣେ ବୃଦ୍ଧ ବ୍ୟକ୍ତି ଥମ୍ପସନ୍ ଙ୍କ ଡାକରେ ଅଟକି ଯାଇଛନ୍ତି । ହାତରେ ତାଙ୍କର ଚମଡା ବେଲ୍ଟ । ସେଇଟା ବନ୍ଧା ହୋଇଛି ଗୋଟେ କୁକୁର ବେକରେ । କୁକୁରଟି ଠିଆ ହୋଇଛି ତାଙ୍କ ଆଗରେ, ଓ ନିର୍ଦ୍ଦେଶ ପାଇବା ପାଇଁ ମାଲିକକୁ ଉତ୍କଣ୍ଠାର ସହିତ ଚାହିଁ ରହିଛି ।



ଏହି ସମୟରେ ବୃଦ୍ଧ କହିଲେ "ଡିକ୍ ମୋର ବନ୍ଧୁ ରାସ୍ତାର ଅପର ପାର୍ଶ୍ୱରେ ଅଛନ୍ତି, ମୋତେ ଟିକିଏ ରାସ୍ତା ପାରି କରିଦେ " ଜନ୍ ଯେ ଜଣେ ଅନ୍ଧ, ଏକଥା ଯୁବକ ଜଣକ ବୁଝି ପାରିଲେ । ଡିକ୍ ହେଉଛି ଏ ଅନ୍ଧଙ୍କର ଲଉଡ଼ି, ଏକଥା ତାଙ୍କୁ ଅଛପା ରହିଲା ନାହିଁ ଯୁବକ ଜଣକ ଲକ୍ଷ୍ୟ କଲେ, ଡିକ୍ ରାସ୍ତା ଉପରେ ନଜର ପକାଇଲା । କାରଣ ରାସ୍ତାରେ ଅନବରତ ଗାଡିଘୋଡା ଯା' ଆସ କରୁଥିଲା । ଟିକିଏ ସୁବିଧା ମିଳିଲେ ତ ସେ ତା ମାଲିକକୁ ରାସ୍ତା ପାରି କରିଦେବ ।

# କଠିନ ଶବ୍ଦ

| | | |
|---|---|---|
| ବୃଦ୍ଧ ବ୍ୟକ୍ତି | - | ବୁଢା ଲୋକ |
| ନିର୍ଦ୍ଦେଶ କୁ | - | ଆଦେଶ କୁ |
| ଉତ୍କଣ୍ଠା | - | ଉତ୍ସାହ |
| ଅପର ପାର୍ଶ୍ୱ | - | ଆର ପଟ |
| ଲଉଡ଼ି | - | ବାଡ଼ି |
| ଅଛପା | - | ଜଣାପଡିଯିବା |
| ଅନବରତ | - | ସବୁବେଳେ |

ODM PUBLIC SCHOOL
SCHOOL OF HUMAN EXCELLENCE

# ଗୃହକର୍ମ

ବିଷୟ ଟି ଭଲ ଭାବରେ ପଢ ଓ କଠିନ ଶବ୍ଦ ଗୁଡିକୁ ମନେରଖ



# THANKING YOU

# ODM EDUCATIONAL GROUP